# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କେନ୍ଦୁଝର

## ( ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ )

### ବିଜ୍ଞପ୍ତି

ନଂ ୩୧୨.                                   ତା: ୨୮.୧୧.୨୦

ଏତଦ୍ୱାରା କେନ୍ଦୁଝର ଜିଲ୍ଲାର ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ , କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ମିଳିତ ଉଦ୍ୟମରେ ଏକ ପ୍ରତିପାଳନ ଯତ୍ନ ( Foster Care ) ର ବ୍ୟବସ୍ଥା ପ୍ରଚଳନ କରାଯାଇଅଛି । ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ,ଯେଉଁଠି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ମାନଙ୍କୁ ଅସ୍ଥାୟୀ ଭାବେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କାଳ ତଥା ଦୀର୍ଘ ସମୟ ପାଇଁ ରଖା ଯାଇପାରିବ ଏବଂ ଆବଶ୍ୟକ ସ୍ଥଳେ ପାରିବାରିକ ପରିସ୍ଥିତିର ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ମୂଳ ପରିବାର ସହିତ ମିଳନ କରାଯିବାର ବ୍ୟବସ୍ଥା ରହିଅଛି ।ଏହା କିଶୋର ଅଧିନିୟମ ନ୍ୟାୟ ନିୟମ ୨୦୧୫ ଅନ୍ତର୍ଗତ ଧାରା -୨୩ ମଡେଲ ଗାଇଡ଼ ଲାଇନ ପ୍ରତିପାଳନ ଯତ୍ନ- ୨୦୧୬ ଅନୁଯାଇ ଉକ୍ତ ଶିଶୁମାନଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା ରହିଅଛି । ପ୍ରତିପାଳନ ନିମନ୍ତେ କେନ୍ଦୁଝର ଜିଲ୍ଲାର ଇଚ୍ଛୁକ ପରିବାର କିମ୍ବା ସଂଗଠନ (କିଶୋର ନ୍ୟାୟ ଆଇନ - ୨୦୧୫ ଅନୁଯାଇ ପଞ୍ଜୀକୃତ ହୋଇଥିବା ଅନୁଷ୍ଠାନ ମାନେ) ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ,କେନ୍ଦୁଝର ଫୋନ ୦୬୭୬୬-୨୫୫୦୫୨ ଙ୍କୁ ଯୋଗାଯୋଗ କରନ୍ତୁ। ଦରଖାସ୍ତ ଫର୍ମ,ନିୟମାବଳୀ ତଥା ଅନ୍ୟାନ୍ୟ ତଥ୍ୟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,କେନ୍ଦୁଝର ଙ୍କ କାର୍ଯ୍ୟାଳୟ ତଥା www.kendujhar.nic.in ରେ ଉପଲବ୍ଧ ।

ଦରଖାସ୍ତ ଆବେଦନ କରାଯିବାର ଶେଷ ତାରିଖ ୦୩.୧୨.୨୦୨୦

ଜିଲ୍ଲାପାଳ, କେନ୍ଦୁଝର